Swagatika Behera
Senior Winner
Baneswar High School
Keonjhar



## “ଡିଜିଟାଲ୍ ଟେକ୍ନୋଲୋଜୀ: କିପରି ଏହା ଆପଣଙ୍କ ଜୀବନରେ ସୁଧାର ଆଣିଥାଏ? ଆପଣଙ୍କ ମତରେ ଦେଷ ଓ ନାଗରିକଙ୍କ ବିକାଶ ପାଇଁ ଜିଡିଟାଲ୍ ଟେକ୍ନୋଲୋଜୀ କିପରି ହେବା ଉଚିତ?”

ଭାରତ ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର, ଯେଉଁ ଦେଶରେ ଲୋକମାନେ ହିଁ ଲୋକମାନଙ୍କର ପ୍ରତିନିଧିତ୍ୱ କରିଥାଆନ୍ତି । ଲୋକ ପ୍ରତିନିଧିଙ୍କୁ ନେଇ ସରକାର ଗଠନ ହୋଇଥାଏ । ସରକାର ଦେଶର ଉନ୍ନତି ପାଇଁ ଅନେକ କାର୍ଯ୍ୟକ୍ରମର ଆରମ୍ଭ କରିଥାନ୍ତି । ସେଥି ମଧ୍ୟରୁ ‘ଡିଜିଟାଲ ଭାରତ’ କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କର ଏକ ପ୍ରୟାସ । କେନ୍ଦ୍ର ସରକାରଙ୍କ ଦ୍ୱାରା ଉନ୍ମୋଚିତ ଏହି କାର୍ଯ୍ୟକ୍ରମର ତିନୋଟି ମୁଖ୍ୟ ଲକ୍ଷ୍ୟ ରହିଛି । କେନ୍ଦ୍ରରେ ବିଜେପି ସରକାର କ୍ଷମତା ପ୍ରାପ୍ତ ହେବା ଦିନଠାରୁ ଏହି କାର୍ଯ୍ୟକ୍ରମ ପ୍ରରିତ ହୋଇଆସୁଅଛି । ଏହାର ତିନୋଟି ମୁଖ୍ୟ ଲକ୍ଷ୍ୟ ହେଉଛି – (କ) ପ୍ରତ୍ୟେକ ନାଗରିକମାନଙ୍କ ପାଇଁ ଭିତ୍ତି ସଂରଚନା ସୃଷ୍ଟି କରିବା (ଖ) ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଓ (ଗ) ନାଗରିକ ସଶକ୍ତିକରଣ ।

ଡିଜିଟାଲ୍ ଟେକ୍ନୋଲୋଜି ଶବ୍ଦଟି ବ୍ୟବହୃତ ହୋଇଥାଏ ଡିଜିଟାଲ ଉତ୍ସର ସୃଷ୍ଟି, ବିଶ୍ଳେଷଣ, ଯୋଗାଯୋଗ ଓ କୌଣସି ପ୍ରକାର ଡିଜିଟାଲ ପ୍ରସାର ପାଇଁ , ସ୍ୱଚ୍ଛ ପ୍ରିତଦ୍ୱନ୍ଦିତା ଓ ଦାୟିତ୍ୱବାନ ସରକାର ସୃଷ୍ଟି କରିବା ପାଇଁ ଆମ ଦେଶ ଭାରତର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦି ୨୦୧୫ ମସିହା ଜୁଲାଇ ମାସ ୧ ତାରିଖ ଦିନ ଜାତୀୟ ରାଜଧାନୀ ଠାରେ ଅବସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ଠାରେ ‘ଡିଜିଟାଲ ଭାରତ’ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଯୋଗାଯୋଗ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ । କେତେକ ବିଶିଷ୍ଟ ଶିଳ୍ପପତି ଯଥା :- RILର ସଭାପତି ଓ ପରି ଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନି, TATA Guoups ର ସଭାପତି ସାଇରସ୍ ପି. ମିସ୍ତ୍ରି, Wiproର ସଭାପତି ଆଦିମ୍ ପେମ୍‌ଜୀ ଏବଂ ଅନ୍ୟ କେତେକ ବିଶିଷ୍ଟ ବ୍ୟବସାୟୀ ସେମାନଙ୍କ ଯୋଜନା ଉପରେ ଆଲୋଚନା କରିଥିଲେ । ‘ଡିଜିଟାଲ ଭାରତ’ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ୨ ଲକ୍ଷ ୫୦ ହଜାର ବିଦ୍ୟାଳୟକୁ ୱାଇ-ଫାଇ ସେବା, ୨ ଲକ୍ଷ ୫୦ ହଜାର ଗ୍ରାମକୁ ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ଓ ବିଶ୍ୱସ୍ତରୀୟ ମୋବାଇଲ ଫୋନ୍ ଯୋଗାଯୋଗ ବ୍ୟବସ୍ଥା ଯୋଗାଇଦେବା ।

‘ଡିଜିଟାଲ ଭାରତ’ କର୍ଯ୍ୟକ୍ରମ ମୁଖ୍ୟତଃ ୯ଟି କ୍ଷେତ୍ରରେ ମନେନିବେଶ କରିଥାଏ । ଏହା ‘ଡିଜିଟାଲ ଭାରତ’ କାର୍ଯ୍ୟକ୍ରମର ୯ଟି ସ୍ତମ୍ଭ ପରି ଅଟନ୍ତି । ଯଥା :-

୧. ବ୍ରଡବ୍ରାଣ୍ଡ ହାଇୱେଜ୍

୨. ଆନ୍ତର୍ଜାତିକ ଦୂରସଂ ର ବ୍ୟବସ୍ଥା

୩. ଜନସାଧାରଣଙ୍କୁ ଇଣ୍ଟରନେଟ ଯୋଗାଇବା କାର୍ଯ୍ୟକ୍ରମ

୪. ଇ – ଗଭର୍ଣ୍ଣାନ୍‌ନ୍‌ସ

୫. ବୈଦୁତିକ ବିତରଣୀ ସେବା

୬. ସମସ୍ତଙ୍କୁ ସେବା ଯୋଗାଇବା

୭. ବୈଦୁତିକ ନିର୍ମାଣ କାର୍ଯ୍ୟକ୍ରମ

୮. କାମ ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟା ଯୋଗାଇଦେବା

୯. ସହଜ ଅମଳ କାର୍ଯ୍ୟକ୍ରମ

ପ୍ରଥମ କ୍ଷେତ୍ରଟି ତିନୋଟି ଉପକ୍ଷେତ୍ରରେ ବିଭକ୍ତ ହୋଇଛି ।



ଯଥା :- (କ) ଗ୍ରାମାଞ୍ଚଳ ପାଇଁ ବ୍ରଡବ୍ୟାଣ୍ଡ

(ଖ) ସହରାଞ୍ଚଳ ପାଇଁ ବ୍ରୋଡ୍ ବ୍ୟାଣ୍ଡ

(ଗ) ଜାତୀୟ ସୂଚନା ଭିତ୍ତି ସଂରଚନା

ବ୍ରୋଡବ୍ୟାଣ୍ଡ ୨୦୧୬ ମସିହା ଡିସେମ୍ବର ମାସ ସୁଦ୍ଧା କେନ୍ଦ୍ର ଶାସନାଧିନରେ ଥିବା ୨୫୦ ହଜାର ଗ୍ରାମ ପଞ୍ଚାୟତରେ କାର୍ଯ୍ୟକାରୀ ହେବ ।

ଇ – ଗଭର୍ଣ୍ଣନାନ୍‌ସ ମାଧ୍ୟମରେ ଆମେ ବିଭିନ୍ନ ପ୍ରକାର ସରକାରୀ କାର୍ଯ୍ୟକୁ ତଦାରଖ କରିପାରନ୍ତି । ବୈଦ୍ୟୁତିକ ଦେୟ, ସେବାରେ ଓ ଆୟକର ଇତ୍ୟାଦି